


୨୦୦୫ ମସିହା ଜୁନ୍ - ଜୁଲାଇ | କଟକ, ଓଡ଼ିଶା | ସଂଖ୍ୟା - ୨

## ଭିତର ପୃଷ୍ଠାରେ ...

**ବିକାଶ ଧାରା**
୨. - କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟରେ ଦୁଗ୍ଧ ଉନ୍ନୟନ କାର୍ଯ୍ୟକ୍ରମ
- ଗୃହପାଳିତ ପଶୁ ମାନଙ୍କ ପ୍ରତିଷେଧକ ଟିକା ।
- ଓଡ଼ିଶା ପଶୁ ସଂପଦ ବିକାଶ ସମିତିର ସାଫଲ୍ୟ
୩. - ବର୍ଷା ଦିନେ ସବୁଜ ଘାସ
**ବିଶେଷ ସମ୍ବାଦ**
୪. - କିଶାନ୍ କଲ ସେଣ୍ଟର
- ଖରିଫ୍ ମିନିକିଟ୍ ପ୍ରୋଗାମ୍
- ରାଜ୍ୟର ପଶୁ ପକ୍ଷୀ ସଂଖ୍ୟା
**ଅନୁଭୂତି**
୫. - ଘାସ ଚାଷର ଗାଁ
୬. - ବାଣିଜ୍ୟେ ବସତି ଲକ୍ଷ୍ମୀ
- କୃତ୍ରିମ ପ୍ରଜନନ
୭. - ଛାଗ ପାଳନ
- କୁକୁଡ଼ା ପାଳନ
୮. - ଅଭିନବ ପୁଞ୍ଜି ବିନିଯୋଗ ଯୋଜନା

**ସମ୍ପାଦକ ମଣ୍ଡଳୀ**
ମୁଖ୍ୟ ସମ୍ପାଦକ :
ଶ୍ରୀଯୁକ୍ତ ବିଜୟ କୁମାର ଧଳ, ଆଇ.ଏ.ଏସ୍.
ନିର୍ଦ୍ଦେଶକ, ପଶୁପାଳନ ଓ ପଶୁ ଚିକିତ୍ସା ବିଭାଗ, ଓଡ଼ିଶା
ସମ୍ପାଦକ ବୃନ୍ଦ :
ଡା. ବୀରକିଶୋର ପରିଡା,
ଡା. ରମାକାନ୍ତ ମହାପାତ୍ର,
ଡା. ଉଦେଶ ଚନ୍ଦ୍ର ଦାସ,
ଡା. ପ୍ରତାପ କୁମାର ସାହୁ
କୋଷାଧକ୍ଷ:
ଡାଃ. ସତ୍ୟନାରାୟଣ ପଟ୍ଟନାୟକ

ବିଜୟ କୁମାର ଧଳ, ଆଇ.ଏ.ଏସ୍.
ନିର୍ଦ୍ଦେଶକ, ପଶୁପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ



## ସଂପାଦକୀୟ

ଆମ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଅଧିକାଂଶ ଲୋକ କୃଷି ଓ ପଶୁପାଳନ ଉପରେ ନିର୍ଭର କରି ଚଳନ୍ତି । ଚାଷୀ ତଥା ପଶୁପାଳକ ମାନଙ୍କ ପାଇଁ ଏହା ଏକ ଉତ୍ପାଦନଭିତ୍ତିକ ମାର୍ଗ ଅଟେ । ଯାହା ଫଳରେ ଆମର ଦୈନନ୍ଦିନ ଜୀବିକା ନିର୍ବାହ ପାଇଁ ଆବଶ୍ୟକ ହେଉଥିବା ଖାଦ୍ୟ, ବସ୍ତ୍ର, ଆଶ୍ରୟ ସ୍ଥଳ ଇତ୍ୟାଦି ପାଇବାରେ ଆମେ ସକ୍ଷମ ହେଉଥାଉ । ଏପରି ସ୍ଥଳେ ଗ୍ରାମାଞ୍ଚଳର ଆର୍ଥିକ ବିକାଶ ସହିତ ବିଭିନ୍ନ ପ୍ରାଣୀଜ ପୁଷ୍ଟିସାର ଯଥା- ଦୁଗ୍ଧ, ମାଂସ, ଅଣ୍ଡା ଇତ୍ୟାଦି ଯୋଗାଇବାରେ ପଶୁପାଳନ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ଆମ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇଁ ଗୋ ସଂପଦ ବିକାଶର ଆବଶ୍ୟକତା ରହିଛି । ଏହା କେବଳ ଉପଯୁକ୍ତ ସୁଷମ ଖାଦ୍ୟ, ସୁନିୟନ୍ତ୍ରିତ ପ୍ରଜନନ ନୀତି, ଉତ୍ତମ ପରିଚାଳନା ଏବଂ ରୋଗ ନିରାକାରଣ ବ୍ୟବସ୍ଥା ମାଧ୍ୟମରେ ହିଁ ସମ୍ଭବ ହୋଇପାରିବ । ଜାତୀୟ ଗୋ-ମହିଷାଦି ପ୍ରଜନନ ଯୋଜନାରେ ଗାଈ ବା ଛଡ଼ା ମାନଙ୍କର ପ୍ରଜନନ ଦକ୍ଷତା ବୃଦ୍ଧି କରିବା ସହିତ ଉନ୍ନତ ମାନର ଷଣ୍ଢର ଶୁକ୍ରାଣୁ ବ୍ୟବହାର କରି କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହିତ ଆମ ଚାଷୀ ଭାଇମାନଙ୍କର ଦ୍ୱାରଦେଶରେ ପହଞ୍ଚାଇବା ପାଇଁ ସରକାର ସକ୍ରିୟମତେ ଚେଷ୍ଟା କରୁଛନ୍ତି । ସେହିପରି ବିଭିନ୍ନ ସଂକ୍ରାମକ ରୋଗ ଦାଉରୁ ଗୋ-ସଂପଦକୁ ରକ୍ଷାକରିବାକୁ ଜାତୀୟ ରୋଗ ନିୟନ୍ତ୍ରଣ ଯୋଜନା ବା ଆସ୍କାର୍ଡ ଆମ ରାଜ୍ୟରେ କାର୍ଯ୍ୟକାରୀ ହେଉଅଛି । ଏତଦ୍ ବ୍ୟତୀତ, ସୁଷମ ଖାଦ୍ୟ ଯୋଗାଣ ଓ ଉତ୍ତମ ପରିଚାଳନାଗତ ଦାୟିତ୍ୱ ଆମ ଚାଷୀ ତଥା ଗୋପାଳକଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାଏ । କ୍ଷୀର ଉତ୍ପାଦନର ଖର୍ଚ୍ଚ ଏବଂ ବିକ୍ରିବଟାରୁ ମିଳୁଥିବା ଆୟ ମଧ୍ୟରେ ବ୍ୟବଧାନ ଯେବେ ଅଧିକ ହେବ, ଏହି ଗୋ ସଂପଦରୁ ଚାଷୀ ଭାଇ ମାନେ ସେତେ ଫାଇଦା ବା ଲାଭବାନ ହୋଇପାରିବେ । ଏହି ଉତ୍ପାଦନ ଖର୍ଚ୍ଚ ମଧ୍ୟରେ କେବଳ ଖାଦ୍ୟ ବାବଦରେ ଶତକଡା ୬୫ରୁ ୭୫ ଭାଗ ବ୍ୟୟ ହୋଇଥାଏ । ବଜାରରେ ଦାନାର ଦାମ୍ ଯେତିକି ବଢୁଛି ତଦନୁସାରେ କ୍ଷୀରର ଦାମ୍ ସେହି ଅନୁପାତରେ ବଢୁନାହିଁ । ଫଳରେ ଗୋ-ସଂପଦ ରୁ ଚାଷୀ ଯେତିକି ଲାଭ ପାଇବା କଥା ତାହା ପାଇପାରୁ ନାହାନ୍ତି । ଯେହେତୁ ବଜାର ଦର ଆମର ନିୟନ୍ତ୍ରଣାଧିନ ନୁହେଁ କେବଳ ଦାନା ଖର୍ଚ୍ଚ କମାଇ ପାରିଲେ ଆମେ ଅଧିକ ଲାଭବାନ ହୋଇପାରିବା । ତେଣୁ ଏଥିପାଇଁ ସବୁଜ ଘାସ ଚାଷହିଁ ଆମର ଉପଯୁକ୍ତ ପନ୍ଥା ।

ସେଥିପାଇଁ ଗୋ-ପାଳକ ତଥା ଚାଷୀ ଭାଇମାନେ ମୌସୁମୀ ବର୍ଷା ଆରମ୍ଭ ପୂର୍ବରୁ ବା ଏବେ ଠାରୁ ଧାନ ଚାଷ ସହିତ ସବୁଜ ଘାସ ଚାଷ ଓ ଗୋ-ସଂପଦର ସୁରକ୍ଷା ପାଇଁ ପ୍ରତିଷେଧକ ପ୍ରଦାନ ପ୍ରତି ଅଧିକ ଧ୍ୟାନ ଦେଲେ ଗୋ-ସଂପଦର ବିକାଶ ଘଟିବା ସଂଗେ ସଂଗେ ପଶୁ ପାଳନ ଏକ ଲାଭଜନକ ଧନ୍ଦା ହୋଇପାରିବ ।

ତେଣୁ ଉପରୋକ୍ତ କାର୍ଯ୍ୟକ୍ରମ ଗୁଡ଼ିକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ କର୍ମକର୍ତ୍ତା ତଥା ଚାଷୀ ଭାଇମାନଙ୍କର ସକ୍ରିୟ ସହଯୋଗ ରହିପାରିଲେ ଏହାର ପ୍ରକୃତ ସଫଳ ରୂପାୟନ ହୋଇପାରିବ । ସେଥିପାଇଁ ବିଭାଗୀୟ କର୍ମକର୍ତ୍ତାମାନେ ନିଷ୍ଠାର ସହିତ ଉତ୍ସର୍ଗୀକୃତ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବା ସଂଗେ ସଂଗେ ଜନ ସଚେତନତା ସୃଷ୍ଟି ନିମନ୍ତେ ସରକାରଙ୍କର ସମସ୍ତ ତଥ୍ୟ ବା ଆଭିମୁଖ୍ୟ ଲୋକଙ୍କ ନିକଟରେ ପହଞ୍ଚାଇ ପାରିଲେ ପଶୁ ସମ୍ପଦର ବିକାଶ ଘଟିବା ସଂଗେ ସଂଗେ ଆମ ରାଜ୍ୟ ତଥା ଦେଶର ବିକାଶ ସମ୍ଭବ ହୋଇପାରିବ ।

## ଆସ୍କାଡ୍ (ASCAD)-ସୂଚନା

କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା 'ASCAD' (Assistance to States for Control of Animal Diseases ବା ''ପଶୁରୋଗ ନିୟନ୍ତ୍ରଣ ପାଇଁ କେନ୍ଦ୍ରୀୟ ସହାୟତା'') ଆମ ରାଜ୍ୟରେ ୨୦୦୩-୨୦୦୪ ଆର୍ଥିକ ବର୍ଷଠାରୁ କାର୍ଯ୍ୟକାରି ହେଉଅଛି । ଏହାର ସହାୟତାରେ ମୁଖ୍ୟତଃ ଆମ ରାଜ୍ୟର ପଶୁପକ୍ଷୀ ମାନଙ୍କୁ ଟିକାଦାନ ମାଧ୍ୟମରେ ଜିବାଣୁ ଓ ଜୀବାଣୁ ଜନିତ ସଂକ୍ରାମକ ରୋଗର ନୟନ୍ତ୍ରଣ ବ୍ୟବସ୍ଥା କରାଯିବା ସଂଗେ ସଂଗେ ରୋଗ ନିରୀକ୍ଷଣ ଓ ନିରୂପଣ କରାଯିବ ।

'ଆସ୍କାଡ୍' ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଲା-

୧) ଗୃହପାଳିତ ପଶୁ ପକ୍ଷୀ ମାନଙ୍କର ବିଭିନ୍ନ ସଂକ୍ରାମକ ରୋଗର ନିୟନ୍ତ୍ରଣ ଦ୍ୱାରା ସେମାନଙ୍କ ଉତ୍ପାଦନ କ୍ଷମତା ବଢାଯାଇ ଚାଷୀର ଆର୍ଥିକ ଓ ସାମାଜିକ ଉନ୍ନତି କରାଇବା ।
୨) ସାରା ରାଜ୍ୟରୁ ପଶୁରୋଗ ଗୁଡ଼ିକର ମାସିକ ସ୍ଥିତିର ବିବରଣୀ ସଂଗ୍ରହ କରାଯିବା ।
୩) କ୍ଷେତ୍ରୀୟ ସ୍ତରରେ କାର୍ଯ୍ୟ କରୁଥିବା ପଶୁ ଚିକିତ୍ସକ ଓ ପଶୁଧନ ନିରୀକ୍ଷକ ମାନଙ୍କର ପ୍ରଶିକ୍ଷଣ ।
୪) ପଶୁ ଓ ପକ୍ଷୀ ମାନଙ୍କର ରୋଗ ଗୁଡ଼ିକର ନିରୀକ୍ଷଣ ଓ ସୁପରିଚାଳନା କରିବା ପାଇଁ ପରୀକ୍ଷାଗାର ତଥା ରାଜ୍ୟ ଜୈବିକ ଟିକାଉତ୍ପାଦନ କେନ୍ଦ୍ରର ସମୃଦ୍ଧିକରଣ ।
୫) ଏହି ପ୍ରକଳ୍ପର ତଥ୍ୟକୁ ପ୍ରଚାର ଓ ପ୍ରସାର କରିବା ସହିତ ଏଥିରେ ଗ୍ରାମ୍ୟ ଗୋଷ୍ଠୀକୁ ଅଂଶଗ୍ରହଣ କରାଇବା ।

ଏହିଯୋଜନା ମାଧ୍ୟମରେ ଅଦ୍ୟାବଧି ୧୪,୯୨,୦୦୦ ଫାଟୁଆ ଟିକା, ୧୨,୩୦,୦୦୦ ପି.ପି.ଆର ଟିକା କ୍ରୟ କରାଯାଇଛି । ୧୯୫ ଜଣ ପଶୁ ଡାକ୍ତର ଓ ୨୩୪ ଜଣ ପଶୁଧନ ନିରୀକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଅଛି । ରାଜ୍ୟ ଜୈବିକ ଟିକା ଉତ୍ପାଦନ କେନ୍ଦ୍ର ତଥା ମଣ୍ଡଳ ଓ ଜିଲ୍ଲାସ୍ତରୀୟ ପରୀକ୍ଷାଗାର ଗୁଡ଼ିକୁ ସମୃଦ୍ଧ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଅଛି ।